



# ୧୮
# ଶୁଦ୍ଧ ଶବ୍ଦ ଲିଖନ

## ୧୮.୧ ଉପକ୍ରମ:

ଓଡ଼ିଆ ଭାଷାର ଏକ ନିଜସ୍ୱଧର୍ମ ରହିଛି । କେତେକ ନିୟମ ଓ କେତେକ ବ୍ୟତିକ୍ରମ ସବୁ ଭାଷାରେ ଦେଖିବାକୁ ମିଳୁଥିଲେ ମଧ୍ୟ ଓଡ଼ିଆ ଭାଷାର ହ୍ରସ୍ୱ 'ଇ', 'ଉ' ଦୀର୍ଘ 'ଈ', 'ଊ', ଜ, ଯ, ଶ, ଷ, ସ ଇତ୍ୟାଦିର ଗୁରୁତ୍ୱ ରହିଛି ।

ଭାଷାକୁ ଶୁଦ୍ଧଭାବରେ ବ୍ୟବହାର କରିବାକୁ ହେଲେ ଏହାର ପ୍ରଚଳିତ ରୂପରେ ଥିବା ନିୟମ ଓ ବ୍ୟତିକ୍ରମ ପ୍ରତି ସତର୍କ ରହିଲେ ଭୁଲ୍ ହେବନାହିଁ ବା ଖୁବ୍ କମ ଭୁଲ ହେବ । ବିଶେଷତଃ ଲିଖନ ପଦ୍ଧତିରେ ଏଥିପ୍ରତି ସତର୍କ ରହିବା ଏକାନ୍ତ ଜରୁରୀ ।

ଶବ୍ଦର ନିର୍ଭୁଲ ରୂପପାଇଁ କେତେକ ନିୟମ ଥିଲେ ମଧ୍ୟ ଅନେକ ବ୍ୟତିକ୍ରମ ମଧ୍ୟ ରହିଛି । ଯଥା; ଶବ୍ଦରେ 'ୟ' 'ˆ' (ରେଫ୍) ଥିଲେ ତା ପୂର୍ବରୁ ଦୀର୍ଘ 'ଈ'ବା 'ଊ' କାର ହେବ- ପାନୀୟ, ଜାତୀୟ, କୀର୍ତ୍ତି, ମୁହୂର୍ତ୍ତ ଇତ୍ୟାଦି । କେତେକ ସାଧାରଣ ତ୍ରୁଟି ପ୍ରତି ଦୃଷ୍ଟି ଦେଲେ, ଭାଷାକୁ ଶୁଦ୍ଧ ଭାବେ ବ୍ୟବହାର କରିବାର ଦକ୍ଷତା ଆସିଯିବ ।

## ୧୮.୨ ବର୍ଣ୍ଣଗତ ଅଶୁଦ୍ଧି:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଅମୀୟ | ଅମିୟ |
| ଉର୍ଣ୍ଣତି | ଉନ୍ନତି |
| ତୃଟି | ତ୍ରୁଟି |
| ପୁନ୍ୟ | ପୁଣ୍ୟ |
| ମୂର୍ତ୍ତୀ | ମୂର୍ତ୍ତି |
| ସାହାର୍ଯ୍ୟ | ସାହାଯ୍ୟ |
| ମାମୁଁ | ମାମୁ |
| ଅକ୍ଷୁର୍ଣ୍ଣ | ଅକ୍ଷୁଣ୍ଣ |
| ରୁଣଗ୍ରସ୍ଥ | ଋଣଗ୍ରସ୍ତ |
| ଧୂମ୍ର | ଧୂମ |
| ଭୌଗଳିକ | ଭୌଗୋଳିକ |
| ସଂଜମ | ସଂଯମ |
| କୃର୍ଷ୍ଣ | କୃଷ୍ଣ |
| ବିଷର୍ଣ୍ଣ | ବିଷଣ୍ଣ |

## ୧୮.୩ ଷତ୍ୱବିଧିଗତ:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ପରିସ୍କାର | ପରିଷ୍କାର |
| ପରଷ୍ପର | ପରସ୍ପର |
| ବିଷର୍ଜନ | ବିସର୍ଜନ |
| ସୁସମା | ସୁଷମା |
| ପୁରଷ୍କାର | ପୁରସ୍କାର |
| ଗଣେଷ | ଗଣେଶ |

## ୧୮.୪ କୃଦନ୍ତ ପ୍ରତ୍ୟୟଗତ:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଉତ୍କର୍ଷତା | ଉତ୍କର୍ଷ |
| ଉତ୍ୟକ୍ତ | ଉତ୍ତ୍ୟକ୍ତ |
| ଅନୁଗୃହ | ଅନୁଗ୍ରହ |
| ସୃଜନ | ସର୍ଜନ |

## ୧୮.୫ ତଦ୍ଧିତ ପ୍ରତ୍ୟୟଗତ:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଏକତ୍ରିତ | ଏକତ୍ର |
| ଜେଷ୍ଠ | ଜ୍ୟେଷ୍ଠ |
| ବ୍ୟବହାରିକ | ବ୍ୟାବହାରିକ |
| ଆବଶ୍ୟକୀୟ | ଆବଶ୍ୟକ |
| ଦାରିଦ୍ର୍ୟତା | ଦାରିଦ୍ର୍ୟ/ଦରିଦ୍ରତା |
| ମୌନତା | ମୌନ |

## ୧୮.୬ ସନ୍ଧିଗତ ଅଶୁଦ୍ଧି:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଦିଗାମ୍ବର | ଦିଗମ୍ବର |
| ବାକ୍‌ଦେବୀ | ବାଗ୍‌ଦେବୀ |
| ସନ୍ୟାସୀ | ସନ୍ନ୍ୟାସୀ |

| | |
|---|---|
| ଦୂରାବସ୍ଥା | ଦୁରବସ୍ଥା |
| ରଜଗୁଣ | ରଜୋଗୁଣ |
| ସୂର୍ଯ୍ୟପରାଗ | ସୂର୍ଯ୍ୟୋପରାଗ |

## ୧୮.୭ ସ୍ତ୍ରୀ ପ୍ରତ୍ୟୟଗତ:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଅନ୍ୟାଥିନୀ | ଅନାଥା |
| ସୁକେଶିନୀ | ସୁକେଶା |
| ନିରପରାଧିନୀ | ନିରପରାଧା |
| ନିର୍ଦ୍ଦୋଷୀ | ନିର୍ଦ୍ଦୋଷ |
| ଦିବାରାତ୍ରି | ଦିବାରାତ୍ର |
| ନିରୋଗୀ | ନିରୋଗ |

## ୧୮.୮ ଅନ୍ୟାନ୍ୟ:

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଅଧୀନସ୍ଥ | ଅଧୀନ |
| ଧୂମ୍ରପାନ | ଧୂମପାନ |
| ବୃଥାରେ | ବୃଥା |
| ସାହାର୍ଯ୍ୟ | ସାହାଯ୍ୟ |
| ଅନାଟନ | ଅନଟନ |
| ଆୟତ୍ତାଧୀନ | ଆୟତ୍ତ |
| ନିରୁତ୍ସାହିତ | ନିରୁତ୍ସାହ |
| ସକ୍ଷମ | କ୍ଷମ |
| ସୁନାଶିର | ସୁନାସୀର |
| ସମାସ୍ୟା | ସମସ୍ୟା |

●●●